# Akashvani, Sambalpur

## SAMBALPURI NEWS EVENING BULLETIN

**27 March 2025- 7.02 pm- 7.12 pm.**

**************************************************

୧- ରାଏଜେ ଆଏବା ଶିକ୍ଷାବଛରନୁ ସର୍‌କାରୀ ଆଉ ସର୍‌କାରୀ ଅନୁଦାନ୍ ପାଉଥିବା ସ୍କୁଲ୍‌ମାନ୍‌କେ ୯ , ୧୦ କ୍ଲାସ୍‌ର ଛୁଆମାନ୍‌କୁ ଭିଲ୍ ଦିଆଯିବା ମଧ୍ୟାହ୍ନ ଭୋଜନ୍ ।

୨- ରାଜ୍ୟର୍ ୨୩ ଟା ଜିଲ୍ଲା ନ କମୁଛେ ଭୂଇଁତଲର୍ ପାନିର୍ ସ୍ତର୍- ସୂଚ୍‌ନା ଦେଲେ ମୁଖ୍ୟମନ୍ତ୍ରୀ ।

୩- ରାଜ୍ୟର୍ ଆଉ ଶହେ ୪୭ ଟା ପଢ଼ାଗାଁକେ ଦିଆଯିବା ରାଜସ୍ୱ ଗାଁର୍ ମାଏନ୍‌ତା- କହେଲେ ରାଜସ୍ୱ ମନ୍ତ୍ରୀ ।

ଆଉର୍

୪- କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତର୍‌ଫୁ ବଢ଼ତି ଖରାକେ ନଜର୍‌ଥି ରଖିକରି ତୟାର୍ ରହେବାର୍‌କେ ସବୁ ରାଜ୍ୟ, କେନ୍ଦ୍ରଶାସିତ୍ ଅଂଚଲ୍‌କେ ନିର୍ଦ୍ଦେଶ୍‌ନାମା ଜାରି ।

୯, ୧୦ କ୍ଲାସ୍- ମଧ୍ୟାହ୍ନ ଭୋଜନ୍ I&PR

ରାଜ୍ୟର୍ ସବୁ ସର୍କାରୀ ଆର୍ ସର୍କାରୀ ଅନୁଦାନ୍ ପ୍ରାପ୍ତ ବିଦ୍ୟାଲୟର୍ ୯ ଆର୍ ୧୦ ଶ୍ରେଣୀର୍ ଛୁଆମାନ୍‌କୁ ଭିଲ୍ ଆଏବା ୨୦୨୫-୨୬ ଶିକ୍ଷାବଛର୍‌ନୁ ମଧ୍ୟାହ୍ନ ଭୋଜନ୍ ଦିଆଯିବା । ଛାତ୍ରଛାତ୍ରୀମାନ୍‌କୁ ସ୍କୁଲ୍‌ମୁହାଁ କର୍‌ବାର୍ ଆଉ ସେମାନ୍‌କର୍ ପୋଷଣ୍‌କେ ନଜର୍‌ଥି ରଖିକରି ଇ ନିଷ୍ପତି ନିଆଯାଇଛେ ବଲି ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ କୁହାଯାଇଛେ । ଇଥିର୍‌ଲାଗି ମୁଖ୍ୟମନ୍ତ୍ରୀ ପୋଷଣ୍ ଯୋଜ୍‌ନା ଜରିଏ ରାଜ୍ୟ ସର୍କାର୍ ୫ ଶହ ୭୦ କୋଟି ୭୧ ଲାଖ୍ ଟଙ୍କା ବଛର୍‌କ ଖର୍ଚ୍ଚା କର୍‌ବେ ବଲି ଆଏଜ୍ ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ ।

ସେନ୍ତା ବିଭାଗ୍‌ର ଆଉ ଗୁଟେ ବିଜ୍ଞପ୍ତି ଅନ୍‌ସାରେ ଏଥର ମଧ୍ୟାହ୍ନ ଭୋଜନ୍‌ଥି ଛାତ୍ରଛାତ୍ରୀମାନ୍‌କୁ ଶୁକ୍ରବାର୍ ଭିଲ୍ ଅଏତ୍‌କା ଗୁଟେ ଲେଖା ଅଣ୍ଡା ଖାଏବାର୍‌କେ ଦିଆଯିବା । ଆଘୋ ଖାଲି ସୋମ୍‌ବାର୍ ଆର୍ ବୁଧବାର୍ ୨ ଦିନ୍ ଅଣ୍ଡା ଦିଆଯାଉଥିଲା । ଇହାଦେ ୩ ଦିନ୍ ଅଣ୍ଡା ସାଙ୍ଗେ ମଙ୍ଗଲ୍‌ବାର୍, ଗୁରୁବାର୍ ଆର୍ ଶନିବାର୍ ୩ ଦିନ୍ ପୋଷଣ୍ ଲଡ୍ଡୁ ଭିଲ୍ ଖାଏବାର୍‌କେ ଦିଆଯିବା । ଇସବୁ ପ୍ରଧାନ୍‌ମନ୍ତ୍ରୀ ପୋଷଣ୍ ଯୋଜ୍‌ନା ଆର୍ ମୁଖ୍ୟମନ୍ତ୍ରୀ ପୋଷଣ୍ ଯୋଜ୍‌ନାଥି

ଶିଶୁବାଟିକା ନୁ ୧୦ କ୍ଲାସ୍‌ତକ୍ ଛାତ୍ରଛାତ୍ରୀମାନ୍‌କୁ ଖାଏବାର୍‌କେ ଦିଆଯିବା ବଲି ବିଜ୍ଞପ୍ତିଥି କୁହାଯାଇଛେ ।

ଶିଶୁବାଟିକା I&PR

ଜାତୀୟ ଶିକ୍ଷାନୀତି-୨୦୨୦ ଅନ୍‌ସାରେ ରାଜ୍ୟର୍ ସବୁ ପ୍ରାଥମିକ ସ୍କୁଲ୍ ମାନ୍‌କେ ପ୍ରାକ୍ ବିଦ୍ୟାଲୟ ଶିକ୍ଷା - ଶିଶୁବାଟିକା ମୁଲ୍ କର୍‌ବାର୍ ଲାଗି ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଆଏଜ୍ ବିଜ୍ଞପ୍ତି ବାହାରିଛେ । ୨୦୨୫-୨୬ ଶିକ୍ଷାବଛର୍ ଠାନୁ ୫ ନୁ ୬ ବଛର୍ ବୟସର୍ ଛୁଆମାନ୍‌କୁ ଶିଶୁବାଟିକା ନ ନାଁ ଲେଖାଯିବା । ଇଥିର୍‌ଲାଗି ସବୁ ଶିଶୁବାଟିକା ଆଏବା ମାସ ୨ ତାରିଖ୍‌ନୁ ଖୁଲ୍‌ବା ବଲି ବିଜ୍ଞପ୍ତିଥି କୁହାଯାଇଛେ ।

ବିଧାନ୍‌ସଭା-୧ ଭୁବନେଶ୍ୱର୍ ସମ୍ବାଦଦାତା

ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ର ୧୪ ନମ୍ବର ଦିନେ ଆଏଜ୍ ଗୃହକାର୍ଯ୍ୟ ସ୍ୱାଭାବିକ୍ ଚାଲିଥିଲା । ସକାଲ୍‌ବେଲା ପ୍ରଶ୍ନୋତର୍ କାର୍ଯ୍ୟକ୍ରମ୍ ଠିକ୍ ଭାବେ ଚାଲିଥିଲା । ଉପର୍‌ବେଲା ଖାଦ୍ୟ ଆଉ ଯୋଗାଣ୍ ବିଭାଗ୍‌ର ଖର୍ଚ୍ଚା ଦାବି ଉପସ୍ଥାପିତ୍ ହେଇଥିଲା ।

ବିଧାନ୍‌ସଭା- ଭୂଇଁତଲର୍ ପାଏନ୍ ଭୁବ୍‌ନେଶ୍ୱର୍
ସମ୍ବାଦଦାତା

ରାଜ୍ୟର୍ ୨୩ ଟା ଜିଲ୍ଲା ନ ଭୂଇଁ ତଲର୍ ପାଏନ୍‌ର୍ ସ୍ତର କମୁଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ ମାଝୀ କହିଛନ୍ । ବିଧାନ୍‌ସଭା ନ ଇ ବାବଦ୍ ଗୁଟେ ପ୍ରଶ୍ନର୍ ଲିଖିତ୍ ଉତର୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍, ସମ୍ବଲ୍‌ପୁର୍, ନୂଆପଡ଼ା, କଟକ୍, ବାଲେଶ୍ୱର୍, ଭଦ୍ରକ, କେନ୍ଦ୍ରାପଡ଼ା, ମାଲ୍‌କାନ୍‌ଗିରିକେ ଛାଡ଼ିଦେଲେ ରାଜ୍ୟର୍ ବାକି ସବୁ ଜିଲ୍ଲା ନ ଭୂଇଁତଲର୍ ପାନିର୍ ସ୍ତର୍ ଧିରେ ଧିରେ କମ୍‌ତେଲ୍ ଯାଉଛେ । ଗଜପତି ଆର୍ ରାୟଗଡ଼ା ଜିଲ୍ଲା ନ ଥିତି ଜଟିଳ ରହିଛେ । ଭୂଇଁତଲର୍ ପାଏନ୍‌ର ସ୍ତର୍‌କେ ବଢ଼ାବାର୍ ଲାଗି ରାଜ୍ୟ ସର୍‌କାର୍ 'ଛାତ୍' ଆର୍ 'ଅରୁଆ' ନାଁଥି ୨ ଟା ଯୋଜ୍‌ନା କାର୍ଯ୍ୟକାରୀ କରୁଛନ୍ ବଲି ମୁଖ୍ୟମନ୍ତ୍ରୀ ଗୃହ ନ ସୂଚ୍‌ନା ଦେଇଛନ୍ ।

ରାଜସ୍ୱ ଗ୍ରାମ-ରାଜସ୍ୱ ମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ବଛ୍‌ରେ ଭିତ୍‌ରେ ୨ ଶହ ୬୩ ଟା ପଡ଼ାଗାଁକେ ରାଜସ୍ୱ ଗ୍ରାମର ମାଏନ୍‌ତା ଦିଆଯାଇଛେ ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ବିଧାନ୍‌ସଭା ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ରାଜ୍ୟର୍ ଆଉ ଶହେ ୪୭ ଟା ପଡ଼ାଗାଁକେ ରାଜସ୍ୱ ଗ୍ରାମର୍ ମାଏନ୍‌ତା ଦିଆଯିବାର୍ ଲାଗି ବିଚାର୍ କରାଯାଉଛେ । ଆଏବା ମାସ୍‌ତକ୍ ଇତାର୍ ଉପ୍‌ରେ ଚୂଡ଼ାନ୍ତ ନିଷ୍ପତି ନିଆଯିବା । ଆଧୁନିକ୍ ଜ୍ଞାନ୍ କୌଶଲ୍ ଜରିଏ ମ୍ୟାପ୍ ପରିବର୍ତନ୍ ଆର୍ ସୀମା ନିର୍ଦ୍ଧାରଣ୍ କରାଯାଉଛେ । ପଡ଼ାଗାଁମାନ୍‌କୁ ରାଜସ୍ୱ ଗାଁର୍ ମାଏନ୍‌ତା ଦେବାର୍ ଲାଗି ଗାଁର୍ ଲୁକେ ତହସିଲ୍‌ଦାର୍‌ମାନ୍‌କର୍ ଜରିଏ ଆବେଦନ୍ କର୍‌ବାର୍‌କେ ମନ୍ତ୍ରୀ ଶ୍ରୀ ପୂଜାରୀ ଇ ଅବ୍‌ସରେ ପରାମର୍ଶ ଦେଇଛନ୍ ।

ଗୃହରକ୍ଷୀ ନିଯୁକ୍ତି ଆର୍‌ଏନ୍‌ୟୁ/ କଟକ୍

ଦେବ୍‌ଗଡ଼୍ ରିଜର୍ଭ ପୁଲିସ୍ ପଡ଼ିଆଠାନେ ଗୃହରକ୍ଷୀ ନିଯୁକ୍ତି ଲାଗି ଚାଲିଥିବା ଶାରୀରିକ୍ ପରୀକ୍ଷା ବେଲ୍‌କେ ଜୀବନ୍ ଯାଇଥିବା ପ୍ରାର୍ଥୀଙ୍କର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦୁଖ ପ୍ରକାଶ୍ କରିଛନ୍ । ମୃତକଙ୍କର୍ ପରିବାର୍ ବର୍ଗଙ୍କୁ ସମବେଦନା ଜନେଇକରି ମୁଖ୍ୟମନ୍ତ୍ରୀ ୪ ଲାଖ୍ ଟଙ୍କାର୍

ଅନୁକମ୍ପା ସାହାଜ୍ ଘୋଷ୍ନା କରିଛନ୍ । ମୁଖ୍ୟମନ୍ତ୍ରୀଙ୍କର୍ ରିଲିଫ୍ ପାଣ୍ଠିନୁ ଇ ସାହାଜ୍ ଟଙ୍କା ଦିଆଯିବା ବଲି ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ ତର୍ଫୁ ସୂଚ୍ନା ଦିଆଯାଇଛେ ।

ମନ୍ କି ବାତ୍ ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍ ବିନିମୟ କର୍ବେ । ଇଟା ତାଙ୍କର୍ ଶହେ ୨୦ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ପ୍ରସାରଣ୍ କରାଯିବା । ଆକାଶ୍ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍ର ଫେର୍ଘାଏ ପ୍ରସାରଣ୍ କରାଯିବା ।

ବିଶ୍ୱ ନାଟ୍ୟ ଦିବସ୍        ଆର୍‌ଏନ୍‌ୟୁ କଟକ୍

ନାଟକ୍‌ର ମୂଲ୍ୟ ଆଉ ସମାଜ୍ ଉପ୍‌ରେ ତାର୍ ପ୍ରଭାବ୍‌କେ ବଁଚେଇ ରଖିବାର୍ ଲାଗି ଆଏଜ୍ ବିଶ୍ୱ ନାଟ୍ୟ ଦିବସ୍ ପାଲନ୍ କରାଯାଉଛେ । ଅନ୍ତର୍ଜାତୀୟ ଥିଏଟର୍ ପ୍ରତିଷ୍ଠାନ୍ ତର୍‌ଫୁ ୧୯୬୧ ମସିହାନୁ ଆଝିର୍ ଦିନ୍‌କେ ବିଶ୍ୱ ନାଟ୍ୟ ଦିବସ୍ ଭାବେ ପାଲନ୍ କରାଯାଉଛେ । ଶାନ୍ତି ଆଉ ସଂସ୍କୃତି ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ବାର୍ତା ନେଇକରି ବିଶ୍ୱ ନାଟ୍ୟ ଦିବସ୍ ପାଲନ୍ କରାଯାଉଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ ବିଶ୍ୱ ନାଟ୍ୟ ଦିବସ୍‌ର ଶୁଭେଚ୍ଛା ଜନେଇଛନ୍ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସାମାଜିକ୍ ଗଣମାଧ୍ୟମ୍‌ଥି ଲେଖିଛନ୍, ମୁନ୍‌ଷର୍ ସୁଖ୍ ଦୁଖ୍ ଆର୍ ସମାଜ୍ ନ ଘଟୁଥିବା ଘଟ୍‌ନାକେ ନେଇକରି ମଚାନ୍ ଜରିଏ ଦର୍ଶକଙ୍କୁ ଭେଟି ଦଉଥିବା କଲାକାର୍‌ମାନ୍‌କୁ ବିଶ୍ୱ ନାଟ୍ୟ ଦିବସ୍ ଅବ୍‌ସରେ ଶୁଭେଚ୍ଛା ଜନେଇଛନ୍ । ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଭିଲ୍ ନାଟକ୍‌କେ ସୃଜନ, ପ୍ରତିଭା ଆର୍ ଉତ୍ସାହର୍ ଗୁଟେ ଉତ୍କୃଷ୍ଟ ମାଧ୍ୟମ୍ ବଲି କହିଛନ୍ ।

ବିଶ୍ୱ ନାଟ୍ୟ ଦିବସ        ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ବିଶ୍ୱ ନାଟ୍ୟ ଦିବସ୍ ପାଲିତ୍ ହେଇଯାଇଛେ । ସୋନ୍‌ପୁର୍ ଠାନେ ନାଟ୍ୟଶ୍ରୀ ଗଦାଧର୍ ବାରିକ୍‌ଙ୍କର୍ ସଂଯୋଜନାଥି ଆୟୋଜିତ୍ ନାଟ୍ୟଦିବସ୍‌ଥି ମଂଚ ନାଟକ୍ ଆଉ ସମାଜ୍ ଉପ୍‌ରେ ଗୁଟେ ଆଲୋଚନାଚକ୍ର ହେଇଥିଲା । ଇ ଅବ୍‌ସରେ ସମାଜ୍ ସଂସ୍କାର୍ ନ ନାଟକ୍ ଗୁଟେ ବିଶ୍ୱମୁଖୀ ଦାୟିତ୍ୱ ତୁଲେଇ ଆସିଛେ ବଲି ଅତିଥି ମାନେ କହିଛନ୍ । ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ୍, ନାଟ୍ୟଚକ୍ର, ନାଟ, ମହାନଦୀ ସାହିତ୍ୟ ସଂସଦ୍ ଆର୍ ବୀଣାପାଣି ନାଟ୍ୟ ସଂସଦ୍ ତର୍‌ଫୁ ହେଇଥିବା ବିଶ୍ୱ ନାଟ୍ୟ ଦିବସ୍ କାର୍ଯ୍ୟକ୍ରମ୍‌ଥି ବହୁତ୍ ନାଟ୍ୟପ୍ରେମୀ ଆର୍ ସିଆନ୍ ସୁଜନ୍ ଯୋଗ୍ ଦେଇଥିଲେ । ଆଏଜ୍ ସଞ୍ଜ୍‌ବେଲେ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ନାଟକ୍ ପ୍ରଦର୍ଶନ୍ କାର୍ଯ୍ୟକ୍ରମ୍‌ମାନ୍ ହେଉଛେ ।

ରାଜ୍ୟସ୍ତରୀୟ ଜୁନିଅର୍ ରେଡ଼କ୍ରସ୍ କାଉନ୍‌ସିଲର୍ ତାଲିମ୍ ଶିବିର

ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତର୍‌ଫୁ ବୁଢ଼ାରଜା ଉଚ୍ଚବିଦ୍ୟାଳୟ ଠାନେ ରାଜ୍ୟସ୍ତରୀୟ ଜୁନିଅର୍ ରେଡ଼କ୍ରସ୍ କାଉନ୍‌ସିଲର୍ ତାଲିମ୍ ଶିବିର୍ ଉଦ୍‌ଘାଟିତ୍ ହେଇଯାଇଛେ । ଜିଲ୍ଲା ଜୁନିଅର୍ ରେଡ଼କ୍ରସ୍ ଅଧିକାରୀ ବିଶ୍ୱାମିତ୍ର ଦୀପ୍‌ଙ୍କର୍ ଅଧ୍ୟକ୍ଷତାଥି ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ଯୋଗ୍ ଦେଇକରି ଶିବିର ଉଦ୍‌ଘାଟନ୍ କରିଛନ୍ । ସ୍ୱାସ୍ଥ୍ୟ, ସେବା ଆଉ ବିଶ୍ୱ ବନ୍ଧୁତାର୍ ବାର୍ତା ଦେଉଥିବା ଇ ଶିବିର୍ ଜରିଏ ଛାତ୍ରଛାତ୍ରୀମାନେ ତାଲିମ୍ ନେଇକରି ସମାଜ୍ ନ ତାର୍ ଉପଯୋଗ୍ କର୍‌ବାର୍‌କେ ଅତିଥିମାନେ ତହଁକେଇଛନ୍ । ଶିବିର୍‌ଥି ସମ୍ବଲ୍‌ପୁର୍ ଜିଲ୍ଲାର୍ ସବୁ ବିଦ୍ୟାଳୟମାନ୍‌କର୍ ୭୦ ଝନ୍ କାଉନ୍‌ସିଲ୍‌ର୍ ଯୋଗ୍ ଦେଇଛନ୍ ।

ବେଟି ବଚାଓ- ବେଟି ପଢ଼ାଓ ସଚେତନ୍‌ତା/ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ଯୁଯୁମୁରା ଉଚ୍ଚବିଦ୍ୟାଳୟ ତର୍‌ଫୁ ବେଟି ବଚାଓ- ବେଟି ପଢ଼ାଓ ସଚେତନ୍‌ତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଗୁଟେ ସଚେତନତା ଶୋଭାଯାତ୍ରା ଉଚ୍ଚ ବିଦ୍ୟାଳୟ ପଡ଼ିଆନୁ ବାହାରିକରି

ঝুঝুমুরা গাঁ, ব্লক্ কার্য্যালয় পরিক্রমা করিকরি লুক্কু সচেতন্ করিথিলা । কার্য্যক্রম্থি ব্লক্ অতিরিক্ত শিক্ষা অধিকারীঙ্কর্ সহেতে ভিন্ ভিন্ অধিকারীমানে যোগ্ দেইকরি অভিযানর উদ্দেশ্য বুঝেইথিলে । ই অব্সরে ছাত্রীমানে গুটে সচেতনতাধর্মী পথপ্রান্ত নাটক্ পরিবেষণ্ করিথিলে ।

ଦିଆଯାଇଥିଲା । ସେନ୍ତା ଇସବୁର୍ ଜିନିଷ୍ ବନାବାର୍ ମିସିନ୍ ଭିଲ୍ ବଂଟାଯାଇଥିଲା ।

ବୌଦ୍ଧ ଜିଲ୍ଲାପାଳ-ପ୍ରକଳ୍ପ ପରିଦର୍ଶନ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଆଏଜ୍ ସଦର୍ ବ୍ଲକ୍ର ଭିନ୍ ଭିନ୍ ପ୍ରକଳ୍ପ ପରିଦର୍ଶନ୍ କରିକରି କାମ୍ର ସମୀକ୍ଷା କରିଛନ୍ । ଜିଲ୍ଲାପାଲ୍ ପହେଲା ବ୍ଲକ୍ର ଜଗତି ଗାଁ ପାଖେ ମହାନଦୀ ନ ଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଇନ୍‌ଟାକ୍ ଚୁଆଁ ଆଉ ସୁବର୍ଣ୍ଣପୁର୍ ଠାନେ ପାଏନ୍ ବିଶୋଧନ୍‌ଗାରକେ ପରିଦର୍ଶନ୍ କରିଛନ୍ । ଇତାର୍‌ସହେତେ ମହାନଦୀ ଜଲ୍‌ସ୍ତର୍ ଆର୍ ଜଲ୍‌ଯୋଗାଣ ପ୍ରକଳ୍ପ ବୁଲି ଦେଖିଛନ୍ । ସେନ୍ତା ସଂଗ୍ରାମ୍‌ପୁର୍ ଉଚ୍ଚବିଦ୍ୟାଲୟର୍ ଛାତ୍ରାବାସ୍ ଆଉ ସାହାଜ୍‌ପାଲ୍ ଠାନେ ତିଆର୍ ଚାଲିଥିବା ମୁଖ୍ୟମନ୍ତ୍ରୀ ସଭାଗୃହ ବୁଲି ଦେଖିଛନ୍ । ଧାରିଜ୍ ସମିଆ ଭିତ୍‌ରେ ପ୍ରକଳ୍ପ ମାନ୍‌କର୍ କାମ୍ ସାର୍‌ବାର୍‌କେ ଜିଲ୍ଲାପାଲ୍ ନିର୍ଦ୍ଦେଶ୍ ଦେଇଛନ୍ ।

ସୂଚନା ଅଧିକାର୍ ଆଇନ୍ କର୍ମଶାଳା ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ସୂଚନା ଅଧିକାର୍ ଆଇନ୍ ବାବଦ୍ ଗୁଟେ କର୍ମଶାଳା ହେଇଯାଇଛେ । ରାଜ୍ୟସୂଚନା ଆଉ ଲୋକସମ୍ପର୍କ ବିଭାଗ୍‌ର ମାର୍ଗଦର୍ଶିକା ଅନ୍‌ସାରେ ଜିଲ୍ଲା ପ୍ରଶାସନ୍ ଆଉ ସୂଚନା ଲୋକସମ୍ପର୍କ ବିଭାଗ୍ ତର୍ଫୁ ଇ କର୍ମଶାଳା ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍ ଆଉ ସୂଚନା ଅଧିକାର୍ ଜିଲ୍ଲା ନୋଡ଼ାଲ୍ ଅଧିକାରୀ ରାଜେନ୍ଦ୍ର ମାଝୀ ଆର୍ ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍ ଦେଇକରି ଫଟିକ୍ ଆର୍ ଦୁର୍ନୀତି ମୁକ୍ତ ଶାସନ୍ ବ୍ୟବସ୍ଥାଥି ସୂଚ୍‌ନା ଅଧିକାର୍ ଆଇନ୍‌ର ଗୁରୁତ୍ୱ ବାବ୍‌ଦେ ବୁଝେଇଥିଲେ ।

ଖଡ଼ିଆଲ୍ ମହିଳା କଲେଜ୍- ନିରୀକ୍ଷଣ୍ ଦଲ୍/ନୂଆପଡ଼ା ସମ୍ବାଦଦାତା

ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ନିରୀକ୍ଷଣ୍ ଦଲ୍ ଆଏଜ୍ ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ମହିଳା ମହାବିଦ୍ୟାଳୟକେ ପରିଦର୍ଶନ୍ କରିକରି ସୁବିଧା ଅସୁବିଧା ବୁଝିଛନ୍ । ଅଧ୍ୟାପକ୍, ଅଧ୍ୟାପିକାଙ୍କର୍ ସାଙ୍ଗେ ମହାବିଦ୍ୟାଳୟର୍ ଭିନ୍ ଭିନ୍ ବିଷେଥି ଆଲୋଚନା କରିଛନ୍ । ଆଏବା ଦିନେ ମହାବିଦ୍ୟାଳୟକେ ଜିଲ୍ଲାର୍ ମହିଳାମାନ୍‌କୁ ଉଚ୍ଚଶିକ୍ଷା ଲାଗି

ଗୁଟେ ବର୍କସ୍ ଅନୁଷ୍ଠାନ୍ ଭାବେ ଗଢ଼୍ବାର୍ ଉପ୍ରେ ନିରୀକ୍ଷଣ୍ ଦଲ୍ ଜୋର୍ ଦେଇଛନ୍ ।

ଖରା- ସ୍ୱାସ୍ଥ୍ୟମନ୍ତ୍ରଣାଳୟ ଆର୍ଏନ୍ୟୁ/ ସମ୍ବଲ୍ପୁର୍

ରାଏଜେ ଦିନର୍ ତାତି ବଢ଼୍ବାର୍କେ ଲାଗିଛେ । ଧୁକାଗର୍ଦ୍ଦି ଆର୍ ବର୍ଷା ଲାଗି କିଛି ଦିନ୍ ହେଲା ତାତି କମିଥିଲା ବେଲ୍କେ ଗଲା ୨ ଦିନ୍ ଭିତ୍ରେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ତାତି ୨ ନୁ ୩ ଡିଗ୍ରୀତକ୍ ବଢ଼ିଛେ । ଆଏବା ୨ ଦିନ୍ ଭିତ୍ରେ ତାତି ଆହୁରି ୨ ନୁ ୩ ଡିଗ୍ରୀତକ୍ ବଢ଼ିପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ ।

ବଢ଼୍ତି ଖରାକେ ନଜର୍ଥି ରଖିକରି ତୟାର୍ ରହେବାର୍କେ କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରଣାଳୟ ତର୍ଫୁ ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ମାନ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଲୁକ୍କୁ ସଚେତନ୍ କର୍ବାର୍ ସହେତେ ସ୍ୱାସ୍ଥ୍ୟବିଭାଗ୍ ସହେତେ ଭିନ୍ ଭିନ୍ ବିଭାଗ୍କେ ଖରା ମୁକାବିଲା ଲାଗି ପ୍ରସ୍ତୁତ୍ ରହେବାର୍କେ କୁହାଯାଇଛେ ।

ସେଆଡ଼େ ଆଏଜ୍ ରାଜ୍ୟର୍ ଝାର୍ସୁଗୁଡ଼ା ନ ସବୁନୁ ଜହ ତାତି ୪୧ ଦଶ୍ମିକ୍ ୪ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼ କରାଯାଇଛେ ।